## ବେଲାରୀରେ ଦାଦନ ଶ୍ରମିକ ମୃତ

ପାତ୍ରପୁର, (ଡି.ଏନ.ଏ.): ଗଞ୍ଜାମ ଜିଲା ଜରଡ଼ା ଥାନା ଗୋବିନ୍ଦପୁର ଗ୍ରାମର କୃଷ୍ଣ ଚନ୍ଦ୍ର ପ୍ରଧାନ(୫୦)ଙ୍କ କର୍ଣାଟକରେ ଶନିବାର ମୃତ୍ୟୁ ଘଟିଛି। କୃଷ୍ଣ ତାଙ୍କ ପୁଅ ଏବଂ ଭଣଜା ସହ କର୍ଣାଟକର ବେଲାରୀସ୍ଥିତ ଏକ କମ୍ପାନୀରେ ଦୀର୍ଘଦିନ ହେବ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ଗତ ସପ୍ତାହରେ ପୁଅ ଗ୍ରାମକୁ ଆସିଥିବା ବେଳେ କୃଷ୍ଣଙ୍କ ଦେହ ଅସୁସ୍ଥ ହୋଇଥିଲା। ଖବର ପାଇ ପୁଅ ବେଲାରୀ ଯାଇ ବାପାଙ୍କୁ ସେଠାକାର ଏକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ ଶରୀରକୁ ଆମ୍ବୁଲାନ୍ସ ଯୋଗେ ରବିବାର ଗ୍ରାମକୁ ଆଣି ସତ୍କାର କରାଯାଇଥିଲା। ସୂଚନାଯୋଗ୍ୟ, ଗତ ଦୁଇଦିନ ତଳେ ସେଠାରେ ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା।

## ସଂକ୍ଷେପରେ

### ପଞ୍ଚାୟତ ସଭାପତି ବିଜେଡିରୁ ବହିଷ୍କୃତ

ବୁଗୁଡ଼ା, ୬।୨(ଡି.ଏନ୍.ଏ.): ଗଞ୍ଜାମ ଜିଲା ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଖୋଲଖାଲି ଗ୍ରାମ ପଞ୍ଚାୟତର ବିଜୁ ଛାତ୍ର ଜନତା ଦଳର ସଭାପତି ପବିତ୍ର ସାହାଣିଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ରବିବାର ବହିଷ୍କାର କରାଯାଇଛି। ଚଳିତ ନିର୍ବାଚନରେ ଖୋଲଖାଲି ପଞ୍ଚାୟତରେ ଦଳବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ପ୍ରମାଣ ପାଇବା ପରେ ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ପ୍ରଶାନ୍ତ କୁମାର ପଣ୍ଡା ଏକ ଚିଠି ମାଧମରେ ପ୍ରାଥମିକ ସଭ୍ୟ ପଦରୁ ତାଙ୍କୁ ବହିଷ୍କାର କରିଛନ୍ତି। ଏ ନେଇ ସେ ରାଜ୍ୟ ବିଜୁ ଛାତ୍ର ଜନତା ଦଳ ସଭାପତି ଏବଂ ଗଞ୍ଜାମ ଜିଲା ସଭାପତିଙ୍କୁ ମଧ ଅବଗତ କରାଇଛନ୍ତି।

### କ୍ରିକେଟ ଟୁର୍ନାମେଣ୍ଟ, ସେମିରେ ହିଞ୍ଜିଳିକାଟୁ

ସୋରଡ଼ା,୬।୨(ଡି.ଏନ୍.ଏ.): ଋଷିକୁଲ୍ୟା କ୍ରିକେଟ କ୍ଲବ ଆନୁକୁଲ୍ୟରେ ଦୁର୍ଗା ସ୍ମାରକୀ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ରବିବାର କ୍ୱାଟର ଫାଇନାଲ ମ୍ୟାଚ୍‌ରେ ଚେରମାରିଆକୁ ହରାଇ ହିଞ୍ଜିଳିକାଟୁ ସେମିଫାଇନାଲରେ ପହଞ୍ଚିଛି। ଆଦର୍ଶ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ମଳୟରଞ୍ଜନ ସାହୁ ଅତିଥି ଭାବେ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ରଜନୀ କାନ୍ତ ମହାପାତ୍ର, ସଞ୍ଜୟ ପଣ୍ଡା, ବିଧୁ ଭୂଷଣ ଦାସ, ମନୋଜ ମହାପାତ୍ର ପରିଚାଳନା କରିଥିଲେ। ଖେଳ ଆରମ୍ଭ ପୂର୍ବରୁ ସ୍ୱର ସମ୍ରାଜ୍ଞୀ ସ୍ୱର୍ଗତ ଲତା ମଙ୍ଗେସ୍‌କରଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

### ବିଜେଡିର ମିଶ୍ରଣ ପର୍ବ

ନୂଆଗଡ଼,୬।୨: ଗଜପତି ଜିଲା ନୂଆଗଡ଼ ବ୍ଲକ ଖଜୁରିପଦାଠାରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଞ୍ଚଳର ୧୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଗଜପତି ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ବରିଷ୍ଠ ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ସମେତ ରାୟଗଡ଼ା ଜିଲାରୁ ପୃଥିବୀ ରାଜ, ଅନ୍ତର୍ଯ୍ୟାମୀ ଗମାଙ୍ଗ, ଜଗଦୀଶ ରାଓ ଉପସ୍ଥିତ ରହି ନୂତନ ଭାବେ ବିଜେଡିରେ ଯୋଗଦାନ କରିଥିବା କର୍ମୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବ୍ଲକ ସଭାପତି ଏନୋଷ ରଇତ ସମେତ ସୂର୍ଯ୍ୟ ପରାଗ ଛିଞ୍ଚାଣି ଓ ବହୁ କର୍ମୀ ସହଯୋଗ କରିଥିଲେ।

### ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କଲେ ଆରତି

ପୋଲସରା, ୬।୨(ଡି.ଏନ.ଏ.): ପୋଲସରା ବ୍ଲକ ଅନ୍ତର୍ଗତ ତୁଙ୍କାପଡା ପଞ୍ଚାୟତରେ ବିଜୁ ଜନତା ଦଳର ସମର୍ଥିତ ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର ଆରମ୍ଭ ହୋଇଯାଇଛି। ତୁଙ୍କାପଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଶ୍ରୀ ଆରତି ଦେବୀ ନିଜ ଦଳର ସମର୍ଥିତ ପ୍ରାର୍ଥୀଙ୍କ ନିମନ୍ତେ ଘରଘର ବୁଲି ଭୋଟ ଭିକ୍ଷା କରିଥିଲେ। ବିଜେଡିର ସମର୍ଥିତ ସରପଞ୍ଚ ପ୍ରାର୍ଥୀ ସୀମାଞ୍ଚଳ ସେଠୀ ଓ ସମିତିସଭ୍ୟ ପ୍ରାର୍ଥିନୀ ସଂଯୁକ୍ତା ବାଡତ୍ୟାଙ୍କ ସମେତ ନିଜ ୱାର୍ଡସଭ୍ୟଙ୍କ ନିମନ୍ତେ ତୁଙ୍କାପଡା ପଞ୍ଚାୟତର ଯୁବ ବିଜେଡି ସଂଗଠକ ସିଲୁ ଦଳାଇ ସରପଞ୍ଚ ବସନ୍ତ କୁମାର ଜେନା, ସମିତିସଭ୍ୟ ପ୍ରତିନିଧି ରତ୍ନାକର ବାଡତ୍ୟାଙ୍କ ସମେତ ଗ୍ରାମବାସୀ ସାମିଲ ଥିଲେ। ସମିତିସଭ୍ୟ ପ୍ରାର୍ଥିନୀ ସଂଯୁକ୍ତା ବାଡତ୍ୟା ପୂର୍ବରୁ ତୁଙ୍କାପଡା ପଞ୍ଚାୟତର ଅପ୍ରତିଦ୍ୱନ୍ଦ୍ୱୀ ସମିତିସଭ୍ୟ ଭାବରେ ନିର୍ବାଚିତ ହୋଇ ପୋଲସରା ପଞ୍ଚାୟତ ସମିତିର ଉପାଧକ୍ଷା ରହିଥିଲେ। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳ ପୁନର୍ବାର ତାଙ୍କ ଉପରେ ଭରସା କରିଛି। ବର୍ତ୍ତମାନ ସରପଞ୍ଚ ପଦବୀ ଅନୁସୂଚିତ ଜାତିଙ୍କ ନିମନ୍ତେ ସଂରକ୍ଷଣ ରହିଥିବାରୁ ଗ୍ରାମର ସୀମାଞ୍ଚଳ ସେଠୀଙ୍କୁ ଦଳ ପ୍ରାର୍ଥୀ କରିଛି।

### ଓକିଲ ସଂଘର ସ୍ମାରକପତ୍ର ପ୍ରଦାନ

ଛତ୍ରପୁର,୬।୨(ଡି.ଏନ୍.ଏ.): ଛତ୍ରପୁର ଓକିଲ ସଂଘର ନୂତନ ସଭାଗୃହ ଓ ପାଠାଗାର ନିମନ୍ତେ ୧ କୋଟି ଟଙ୍କା ଅନୁଦାନ ପ୍ରଦାନ କରିବା ସକାଶେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ରେଳ ଏବଂ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀଙ୍କୁ ସଂଘ ସଭାପତି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗଞ୍ଜାମ ଜିଲାର ସଦର ମହକୁମା ଛତ୍ରପୁର ହୋଇଥିଲେ ମଧ ଓକିଲ ସଂଘ ପରିସରରେ ସମ୍ମିଳନୀ କକ୍ଷ ଓ ପାଠାଗାର ନାହିଁ। ଯଦ୍ୱାରା ସଭ୍ୟମାନେ ବୈଠକ କରିବାରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ବିଚାର କରି ଅନୁଦାନ ପ୍ରଦାନ ସକାଶେ ସଭାପତି ପ୍ରଦୀପ କୁମାର ପାଢ଼ୀ ନିବେଦନ କରିଛନ୍ତି। ପୂର୍ବରୁ ଏ ନେଇ ସ୍ଥାନୀୟ ବିଧାୟକ ଓ ଗଞ୍ଜାମ ଜିଲାପାଳଙ୍କୁ ମଧ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଓକିଲ ସଂଘରେ ୨୫୦ ଜଣ ସଭ୍ୟ ରହିଛନ୍ତି।

# ଜଙ୍ଗଲରେ ନକଲି ମଦ ଫ୍ୟାକ୍ଟ୍ରି

## ୨୫୪ ଲିଟର ମଦ ଜବତ, ୨ ଗିରଫ

ବ୍ରହ୍ମପୁର ଅଫିସ,୬।୨

ବ୍ରହ୍ମପୁର ଉପକଣ୍ଠ ମୋହଡା ପଞ୍ଚାୟତ ବୁରଗାଁରୁ ରବିବାର ଠାବ ହୋଇଛି ଆଉ ଏକ ନକଲି ବିଦେଶୀ ମଦ ଫ୍ୟାକ୍ଟ୍ରି। ଜଙ୍ଗଲ ଭିତରେ ଥିବା ଏକ ପରିତ୍ୟକ୍ତ ଘରେ ଚାଲିଥିବା ଏହି ଫ୍ୟାକ୍ଟ୍ରିରେ ବ୍ରହ୍ମପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥା ଚଢାଉ କରି ସେଠାରୁ ୧୦ ପେଟି ନକଲି ବିଦେଶୀ ମଦ ସହ ବିପୁଳ ପରିମାଣରେ କଞ୍ଚାମାଲ ଜବତ କରିଛି। ପ୍ରସ୍ତୁତକାରୀ ୨ଜଣ ଅନନ୍ତେଇ ଗ୍ରାମର ଟିଙ୍କନ ସେଠୀ(୨୩) ଓ ଚାଲାଣକାରୀ ବୁରଗାଁର ମୁନା ମଲିକ(୨୪)ଙ୍କୁ ଟିମ୍ ଗିରଫ କରିଛି। ପ୍ରକାଶ ଯେ, ଏକ ପରିତ୍ୟକ୍ତ ଘରେ ଅନେକ ଦିନରୁ ନକଲି ବିଦେଶୀ ମଦ ପ୍ରସ୍ତୁତି ହେଉଥିବା ନେଇ କୌଣସି ସୂତ୍ରରୁ ଅବକାରୀ ଭ୍ରାମ୍ୟମାଣ ସଂସ୍ଥାକୁ ଖବର ମିଳିଥିଲା। ରବିବାର ଅବକାରୀ ଉପ ଅଧୀକ୍ଷକ ବିଦ୍ୟାଧର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସେହି ଘରେ ଚଢାଉ କରାଯାଇଥିଲା। ଚଢାଉ ବେଳେ ସେହି ଘରୁ ବିଭିନ୍ନ ବ୍ରାଣ୍ଡର ୧୦ ପେଟି (୨୫୪ ବୋତଲ) ନକଲି ବିଦେଶୀ ମଦ, ୯୮୦ ଖାଲି ବୋତଲ, ୩୬୦୦ ଠିପି, ବିଭିନ୍ନ ବ୍ରାଣ୍ଡର ଲେବଲ୍, ୯ ଲିଟର(ଅର୍ଗାନିକ ଆଲବମ୍) ସ୍ପିରିଟ ଓ ରଙ୍ଗ ଜବତ କରାଯାଇଥିଲା। ଅଭିଯୁକ୍ତ ଟିଙ୍କନ ବାହାର ରାଜ୍ୟରୁ ବୋତଲ, ଠିପି, ରଙ୍ଗ ଓ ସ୍ପିରିଟ ଆଣି ଏଠାରେ ମଦ ପ୍ରସ୍ତୁତ କରିବା ପରେ ସେଗୁଡ଼ିକ ମୁନା ଗଞ୍ଜାମ ଜିଲାର ବ୍ରହ୍ମପୁର ସମେତ ଦିଗପହଣ୍ଡି, ଚିକିଟି, ବାଲିପଡା, ପୋଲସରା, ମହୁରୀକଳୁଆ ଓ ଅନନ୍ତେଇ ଆଦି ବିଭିନ୍ନ ସ୍ଥାନକୁ ବିକ୍ରି ପାଇଁ ପଠାଉଥିଲେ ବୋଲି ଜେରା ବେଳେ ଅବକାରୀ ଟିମ ଜାଣିବାକୁ ପାଇଥିଲେ। ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ଅର୍ଜୁନ ମଲିକ, ଏସ୍‌ଆଇ ଅଭିରାମ ସାହୁ, ଶେଖ ଇଦରିଶ ହୁସେନ ସମେତ ଅନ୍ୟ ଅଧିକାରୀ ସାମିଲ ଥିଲେ।


ଗିରଫ ଅଭିଯୁକ୍ତ ସହ ଜବତ ନକଲି ବିଦେଶୀ ମଦ ଓ କଞ୍ଚାମାଲ।

# ଦୁଇ ଭାଇ ସରପଞ୍ଚ ପ୍ରାର୍ଥୀ

ପାରଳାଖେମୁଣ୍ଡି, ୬।୨(ଡି.ଏନ୍.ଏ.)

ଗଜପତି ଜିଲା ଗୁମ୍ମା ବ୍ଲକ ଭୁବନି ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ୨ ଭାଇଙ୍କ ସମେତ ମୋଟ ୮ ଜଣ ପ୍ରାର୍ଥୀ ହୋଇଛନ୍ତି। ଏହି ପଞ୍ଚାୟତର ଏଲିଅ ଗମାଙ୍ଗ ଓ ତାଙ୍କ ସାନଭାଇ ଯଜ୍ଞ ଗମାଙ୍ଗ ପ୍ରାର୍ଥୀ ହେବାପରେ ଉଭୟେ ଅଲଗା ଅଲଗା ପ୍ରଚାର କରିବାକୁ ନିଷ୍ପତ୍ତି ନେଇଛନ୍ତି। କେହି କାହା ବିରୋଧରେ ପ୍ରଚାର ନ କରି ସରପଞ୍ଚ ହେଲେ ନିଜେ କ'ଣ କରିବେ ତାହା ଲୋକଙ୍କୁ ଜଣାଉଛନ୍ତି। ଘରେ ପରସ୍ପର ମଧରେ ଆଲୋଚନା କଲେ ମଧ ନିର୍ବାଚନ ମଇଦାନକୁ ଆସିଲେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ପାଲଟି ଯାଉଛନ୍ତି। ଅନ୍ୟପକ୍ଷରେ ପଞ୍ଚାୟତରେ ସମିତି ସଭ୍ୟ ପଦବୀ ପାଇଁ ୪ଜଣ, ୧୧ଟି ୱାର୍ଡମେମ୍ବର ପାଇଁ ୧୩ଜଣ ପ୍ରାର୍ଥୀ ହୋଇଛନ୍ତି। ଏହି ପଞ୍ଚାୟତରେ ସମସ୍ତ ୧୩ଟି ପଦ ପାଇଁ ମୋଟ ୨୫ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ପଞ୍ଚାୟତର ଲୋକ ସଂଖ୍ୟା ୫ ହଜାର। ଭୋଟର ସଂଖ୍ୟା ୩୧୮୩। ସେମାନଙ୍କ ମଧ୍ୟରୁ ୧୬୫୮ ମହିଳା ଏବଂ ୧୫୨୫ ପୁରୁଷ ଭୋଟର।

# ଟଙ୍କା ସମେତ ରୁପା ଅଳଙ୍କାର ଲୁଟ୍

ଦିଗପହଣ୍ଡି, ୬।୨(ଡି.ଏନ୍.ଏ.)

ଆଙ୍କୋରଡ଼ା ଗ୍ରାମସ୍ଥିତ ଯୋଗେଶ୍ୱର ସେବା ସମବାୟ ସମିତି କାର୍ଯ୍ୟାଳୟ କବାଟ ତାଲା କାଟି ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ସମବାୟ ସମିତି ସମ୍ପାଦକ କେ. ରାମବାବୁ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ସେହିପରି ଗାଁର ଶିବ ମନ୍ଦିର ପୂଜକ ସୁଧିର ରଣାଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଘରେ ଥିବା ନଗଦ ୨୦ ହଜାର ଟଙ୍କା ଏବଂ ପ୍ରାୟ ୨୦ ଭରି ଓଜନର ରୁପା ଅଳଙ୍କାର ଓ ଟିଭି ଚୋରିକରି ନେଇଯାଇଥିବା ଜଣାପଡ଼ିଛି।

# ଗୋଲାପ ଦର ଆକାଶଛୁଆଁ

## ୭ରୁ ଭାଲେଣ୍ଟାଇନ ସପ୍ତାହ

ବ୍ରହ୍ମପୁର ଅଫିସ, ୬।୨

ଭାଲେଣ୍ଟାଇନ ସପ୍ତାହ ଆରମ୍ଭ ହେବାକୁ ଯାଉଛି। ପ୍ରଥମ ଦିନ ସୋମବାରଠାରୁ ରୋଜ୍ ଡେ ପାଳନ ହେବ। ପଶ୍ଚାତ୍ୟ ସଂସ୍କୃତି ଅନୁସାରେ ଏହି ଦିନ ପ୍ରିୟଜନଙ୍କୁ ଗୋଲାପ ଫୁଲ ଉପହାର ସ୍ୱରୁପ ପ୍ରଦାନ କରାଯାଏ। ଏଣୁ ସାଧାରଣ ଦିନ ଅପେକ୍ଷା ରୋଜଡ଼େରେ ଗୋଲାପର ଚାହିଦା ସହ ଦର ବୃଦ୍ଧି ପାଇଥାଏ। ତେବେ ବ୍ରହ୍ମପୁର ବଜାରରେ ଫୁଲ ବ୍ୟବସାୟ ମୁଖ୍ୟତଃ ଋତୁ କାଳୀନ ହୋଇଥିବା ବେଳେ ଚଳିତ ମାସରେ ବିବାହ ଆରମ୍ଭ ହେଉଥିବାରୁ ଫୁଲ ଦର ଅଧିକ ରହିଛି। କିନ୍ତୁ ରୋଜ ଡ଼େ' ଦୁଇଦିନ ପୂର୍ବରୁ ଗୋଲାପ ନିୟମିତ ଦରଠାରୁ ୨ ରୁ ୩ ଗୁଣା ଅଧିକା ଦାମରେ ବିକ୍ରି ହେଉଛି। ବ୍ରହ୍ମପୁର ସହରକୁ ବର୍ତ୍ତମାନ ବେଙ୍ଗାଲୁରୁ, କୋଲକାତା ଓ ଆନ୍ଧ୍ରରୁ ନିୟମିତ ଗୋଲାପ ସମେତ ଅନ୍ୟାନ୍ୟ ଫୁଲ ଆମଦାନୀ ହେଉଛି। ତେବେ ବେଙ୍ଗାଲୁରୁ ଗୋଲାପର ଚାହିଦା ଗ୍ରାହକଙ୍କ ମଧରେ ସର୍ବାଧିକ ବୋଲି କହିଛନ୍ତି ବ୍ୟବସାୟୀ ଅଜୟ ରାଉଳ। ନିୟମିତ ଭାବେ ବ୍ରହ୍ମପୁର ବଜାରରେ ପ୍ରତ୍ୟେକ ଫୁଲ ଦୋକାନରେ ଗୋଲାପ ଫୁଲ ପିଛା ୧୦ ରୁ ୧୫ ଟଙ୍କା ଥାଏ। ବିବାହ ଓ ପର୍ବପର୍ବାଣୀରେ ଦର ସାମାନ୍ୟ ବୃଦ୍ଧି ପାଇ ୨୦ ରୁ ୨୫ ଟଙ୍କା ହୋଇଥାଏ। କିନ୍ତୁ ଚଳିତ ବର୍ଷ ଭାଲେଣ୍ଟାଇନ୍ସ ସପ୍ତାହ ଆରମ୍ଭ ଦୁଇ ଦିନ ପୂର୍ବରୁ ହଠାତ ଗୋଲାପ ଫୁଲ ଦର ବୃଦ୍ଧି ପାଇ ପ୍ରତ୍ୟେକ ଦୋକାନୀଙ୍କ ନିକଟରେ ଭିନ୍ନ ଭିନ୍ନ ଦରରେ ବିକ୍ରି ହେଉଛି। ସହରରେ ସୁବାରାଓ ଛକରେ ଗୋଟିଏ ଗୋଲାପର ଦାମ୍ ୩୦ରୁ ୪୦ ଟଙ୍କା ରହିଛି। ସେହପରି ପୁରୁଣା ବସ୍‌ଷ୍ଟାଣ୍ଡରେ ୨୫ରୁ ୬୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି।


ବ୍ରହ୍ମପୁର ବଜାରରେ ବେଙ୍ଗାଲୁରୁ ଗୋଲାପ।

# ୩, ୪ନଂ ଜୋନ୍‌ରେ ପ୍ରଚାର ଜୋରଦାର

ଫୁଲବାଣୀ ଅଫିସ,୬।୨

ଖଜୁରିପଡା ବ୍ଲକର ୩ ଏବଂ ୪ ନଂ ଜୋନରେ ରବିବାର ବିଜେଡି ପକ୍ଷରୁ ନିର୍ବାଚନୀ ବୈଠକ କରାଯାଇଛି। ପଞ୍ଚାୟତିରାଜ ମନ୍ତ୍ରୀ ତଥା ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନା ଏହି ଦୁଇ ଜୋନର ବିଭିନ୍ନ ସ୍ଥାନକୁ ଯାଇ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜିତାଇବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଖଜୁରିପଡା ବ୍ଲକରେ ୧୪ଟି ପଞ୍ଚାୟତ। ୩ ନଂ ଜୋନରେ ଆଡାସିପଡା, ଗୁଦାରି, ବଲସକୁମ୍ପା, ବିଲାବାଡି, ପିରିକୁଡି, ସୁଡୁକୁମ୍ପା, ସୁଡ୍ରେଜୁ, ଟିଟିରାପଙ୍ଗା ପଞ୍ଚାୟତ ରହିଥିବା ବେଳେ ୪ନଂ ଜୋନରେ ଅରାପାଜୁ, ଖଜୁରିପଡା, ଦଳପଡା, ଦୂତିମେଣ୍ଡି, ଦୂତିପଡା, ଆର.ନୂଆଗାଁ ପଞ୍ଚାୟତ ରହିଛି। ୩ନଂ ଜୋନରେ ବିଜେଡି ପକ୍ଷରୁ ମମତା ମଲ୍ଲିକ ଏବଂ ୪ ନଂ ଜୋନରେ ଶୁଭଶ୍ରୀ ନାୟକ ପ୍ରାର୍ଥୀ ହୋଇଛନ୍ତି। ଏହି ଦୁଇ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ମନ୍ତ୍ରୀ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ମନ୍ତ୍ରୀଙ୍କ ସମେତ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲା ବିଜେଡି ସଭାପତି ସରୋଜ କର୍ଣ୍ଣ, ମନ୍ତ୍ରୀଙ୍କ ପିଏ କିଶୋର ମେହେରଙ୍କ ସମେତ ଅନ୍ୟମାନେ ବୈଠକରେ ଉପସ୍ଥିତ ଥିଲେ।


ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମେତ ଅନ୍ୟମାନେ।

# ବିଚାରାଧୀନ ବନ୍ଦୀଙ୍କୁ ନେବା ଘଟଣା: ୪ ଗିରଫ

ଆସିକା,୬।୨(ଡି.ଏନ୍.ଏ.)

ଆସିକା ସବଜେଲ ଫାଟକ ନିକଟରୁ ଜଣେ ବିଚାରାଧୀନ। ସେମାନେ ହେଲେ ବିଚାରାଧୀନ ବନ୍ଦୀ ତଥା ପାକଲାପଲ୍ଲୀ ଗ୍ରାମର ଗୌତମ ପୋଲାଇ ଓରଫ ସିଲୁ, ସାଇଶଙ୍କର ପୋଲାଇ, ଜିତେନ୍ଦ୍ର ପୋଲାଇ ଓ ଗାନ୍ଧୀ ପରିଡା। ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଗତ ୨୧ ତାରିଖ ସନ୍ଧ୍ୟା ପ୍ରାୟ ୭ଟାରେ ଜେଲରେ ସିଲୁ ଅସୁସ୍ଥ ହେବାରୁ ତାଙ୍କୁ ଆସିକା ଡାକ୍ତରଖାନାକୁ ନେବାକୁ ବ୍ୟବସ୍ଥା ଚାଲିଥିଲା। ଏହି ସମୟରେ ସିଲୁଙ୍କ ଭାଇ ସାଇ ୧୦/୧୨ ଯୁବକଙ୍କ ସହ ଆସି ସିଲୁଙ୍କୁ ଆମେ ଚିକିତ୍ସା କରିବୁ କହି ଜେଲ୍ ଫାଟକ ନିକଟରୁ ଉଠାଇ ନେଇଥିଲେ। ଏ ନେଇ ସବ ଜେଲ ଅଧିକ୍ଷକ ଦିଲୀପ କୁମାର ଜେନା ଆସିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୩/୨୨ରେ ଏକ ମାମଲା ରୁଜୁ କରିଥିଲା।

# ପଢାଳ୍, ଦଦରାଲୁଣ୍ଡାରେ ବିଜେଡିର ପ୍ରଚାର

ଭଞ୍ଜନଗର, ୬।୨(ଡି.ଏନ୍.ଏ.)

ଭଞ୍ଜନଗର ବ୍ଲକ ଡିହପଢାଳ ଏବଂ ଦଦରାଲୁଣ୍ଡା ପଞ୍ଚାୟତରେ ବିଜେଡି ପକ୍ଷରୁ ରବିବାର ପ୍ରଚାରକୁ ଜୋରଦାର କରାଯାଇଛି। ଡିହପଢାଳରେ ବିଜେଡି ଜିଲାପରିଷଦ ପ୍ରାର୍ଥୀ ଜିତେନ୍ଦ୍ର କେଶରୀ ଆରୁଖ, ସରପଞ୍ଚ ପ୍ରାର୍ଥିନୀ ବିନୋଦିନୀ ଭୂୟାଁ, ସମିତିସଭ୍ୟ ପ୍ରାର୍ଥିନୀ ସୁନୀତା ଆଳତିଆ ପ୍ରମୁଖ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ଦଦରାଲୁଣ୍ଡାରେ ବିଜେଡି ଜିଲାପରିଷଦ ପ୍ରାର୍ଥିନୀ ଶୈଳବାଳା ବିଷୋୟୀ, ସରପଞ୍ଚ ପ୍ରାର୍ଥିନୀ ଅହଲ୍ୟା ପ୍ରଧାନ, ସମିତିସଭ୍ୟ ପ୍ରାର୍ଥିନୀ ସରିତା ଦିଗାଲ ପ୍ରମୁଖ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ।

# ଆନ୍ତଃ ଜିଲା ସିନ୍ଧି ଚୋର ଦଳ ଗିରଫ

ଆସିକା,୬।୨(ଡି.ଏନ୍.ଏ.)

ଆସିକା ପୋଲିସ ରବିବାର ଆନ୍ତଃଜିଲା ସିନ୍ଧି ଚୋର ଦଳର ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅନ୍ତର୍ଗତ ନାଚୁଣି ମୁଶାଖାଇ ଗ୍ରାମର ଗଣେଶ ଶିକାରୀ, ରାଘବ ଶିକାରୀ, ସଞ୍ଜୟ ଶିକାରୀ, ଆସିକା ଥାନା ବାବନପୁର ଗ୍ରାମର କେ. ରାହୁଲ ଏବଂ ନାଚୁଣୀ ଗ୍ରାମର ଜଣେ ସ୍ୱର୍ଣ୍ଣକାର ଶିବପ୍ରସାଦ ନାୟକ ଅଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ୪ଶହ ଗ୍ରାମ ଓଜନର ବିଭିନ୍ନ ସୁନା ଅଳଙ୍କାର, ତରଳା ଯାଇଥିବା ସୁନା ଓ ୧ଲକ୍ଷ ଟଙ୍କା ଜବତ କରିଛି। ଅଭିଯୁକ୍ତଙ୍କ ବିରୋଧରେ ଆସିକା, ହିଞ୍ଜିଳି, ପାଟପୁର, ଗାଙ୍ଗପୁର ଥାନାରେ ୫ଟି ମାମଲା, ବ୍ରହ୍ମପୁର ଥାନା ଇଲାକାରେ ୪ଟି ମାମଲା ରହିଥିବା ଆସିକା ଥାନାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସଡିପିଓ ଉମାଶଙ୍କର ସିଂ ଓ ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କ ବିରୁଦ୍ଧରେ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଲାଗି ଉଦ୍ୟମ ଜାରି ରହିଥିବା କୁହାଯାଇଛି।


ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

# ଶ୍ରୀଅରବିନ୍ଦ ମହିଳା ପାଠଚକ୍ର

ଭଞ୍ଜନଗର,୬।୨(ଡି.ଏନ.ଏ.)

ଭଞ୍ଜନଗର ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ରବିବାର ସ୍ଥାନୀୟ ଶ୍ରୀଅରବିନ୍ଦ ଶକ୍ତି ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ସଂଗଠକ ଲଲାଟେନ୍ଦୁ ସାମନ୍ତ, ଜିଲା ସଂଗଠିକା କମଳ କୁମାରୀ ଦେଓ, ଗୀତାଞ୍ଜଳି ସେନାପତି, ରତ୍ନପ୍ରଭା ଦାସ, ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତ୍ତିବାସ ବିଶ୍ୱାଳ, ଅଞ୍ଚଳ ସଂଗଠକ ରଘୁନାଥ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବ୍ଲକ ସଂଗଠିକା ରତ୍ନ ମଞ୍ଜରୀ ପାଢ଼ୀ ସ୍ୱାଗତ ଭାଷଣ, ସୁନନ୍ଦା ବେହେରା ପ୍ରାରମ୍ଭିକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପ୍ରତିମା ମହାରଣା ଦୁର୍ଗା ସ୍ତୋତ୍ର ପାଠ କରିଥିଲେ।


ମାତୃ ସଙ୍ଗୀତ ଗାନ ଚାଲିଛି।

# ଯୁବକ ସଂଘ ଗଠିତ

ଶେରଗଡ଼,୬।୨(ଡି.ଏନ୍.ଏ.)

ଶେରଗଡ଼ ବ୍ଲକ ଗୋବିନ୍ଦପୁର ଗ୍ରାମ କାଳୁଆ ମନ୍ଦିର ପ୍ରାଙ୍ଗଣରେ ୪୫୦ଜଣ ଯୁବକ ଏକତ୍ରିତ ହୋଇ ଗଠନ କରିଛନ୍ତି ଯୁବକ ସଂଘ। ଡେଙ୍ଗାପଦର ପଞ୍ଚାୟତର ସମିତିସଭ୍ୟ ଜିତେନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ସଭାପତି ଭାବେ ଶିବିରାମ ସ୍ୱାଇଁ, ଉପସଭାପତି ଶରତ କୁମାର ସ୍ୱାଇଁ, ସଂଘର ଉପଦେଷ୍ଟା ଭାବେ ଅଶୋକ କୁମାର ପୂଜାରୀଙ୍କୁ ଚୟନ କରାଯାଇଥିଲା।

# ଆଇଏଚ୍‌ଆର୍‌ସି ନିର୍ଦ୍ଦେଶକ ଭାବେ ଆଦିତ୍ୟ ମନୋନୀତ

ପାରଳାଖେମୁଣ୍ଡି,୬।୨(ଡି.ଏନ.ଏ.)

ଅନ୍ତର୍ଜାତୀୟ ମାନବାଧିକାର ଓ ଅପରାଧ ନିୟନ୍ତ୍ରଣ ପରିଷଦର ଓଡ଼ିଶା ରାଜ୍ୟ ଆଇଏଚ୍‌ଆର୍‌ସି ନିର୍ଦ୍ଦେଶକ ଭାବେ ଆଦିତ୍ୟ ଚୌଧୁରୀ ମନୋନୀତ ହୋଇଛନ୍ତି। ସେ ଏହି ପଦବୀରେ ମନୋନୀତ ହେବା ପରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରି ଆଗାମୀ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରିଛନ୍ତି। ଆଦିତ୍ୟ ପାରଳାଖେମୁଣ୍ଡି ସହରରେ ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ସ୍ଥାନୀୟ ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟରେ ଇଞ୍ଜିନିୟରିଂ ପାସ୍ କରିଥିଲେ। ପରେ ଭୁବନେଶ୍ୱରର ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟରୁ ମାର୍କେଟିଂ ଏବଂ ଫାଇନାନ୍ସରେ ଏମ୍‌ବିଏ ସମାପନ କରିଥିଲେ। ଏଥି ପୂର୍ବରୁ ଆଦିତ୍ୟ ୨୦୧୯ରେ ଆସୋଚାମ ସଦସ୍ୟ, ୨୦୨୦ରେ ଏଫ୍‌ସିସିଆଇ ସଦସ୍ୟ ଥିଲେ।

# ଗୋବିନ୍ଦପୁରରେ ବିରୋଧୀଙ୍କ ପ୍ରଚାର ଜୋରଦାର

ଶେରଗଡ଼,୬।୨(ଡି.ଏନ୍.ଏ.)

ଶେରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ଲାଗିଛି। ବର୍ତ୍ତମାନର ଶାସକ ଗୋଷ୍ଠୀକୁ ବିରୋଧ କରି ଗୋବିନ୍ଦପୁର ପଞ୍ଚାୟତରେ ସର୍ବାଙ୍ଗୀନ ଉନ୍ନତି ଓ ୫ ବର୍ଷ ଏକଚାଟିଆ ଶାସନର ବିରୋଧ କରି କୁନି ସ୍ୱାଇଁ ସରପଞ୍ଚ ପ୍ରାଥୀ ଓ ତହପୋଇ ସ୍ୱାଇଁଙ୍କ ପ୍ରଚାରକୁ ଜୋରଦାର କରିଛନ୍ତି। ଜିତେନ୍ଦ୍ର ପ୍ରଧାନ, ଶିବିରାମ ସ୍ୱାଇଁ ପ୍ରମୁଖ ଉକ୍ତ ପ୍ରଚାରରେ ସାମିଲ ହୋଇଥିଲେ।

# ଖବରଦାତା ରୋହିତଙ୍କୁ ଶ୍ରଦ୍ଧାଞ୍ଜଳି

ଫୁଲବାଣୀ ଅଫିସ/ ଗଞ୍ଜାମ/ପୁରୁଷୋତ୍ତମପୁର/ କାଶୀନଗର,(ଡି.ଏନ୍‌ଏ.), ୬।୨

କଳାହାଣ୍ଡି ଜିଲା ମୋହନଗିରିର ଧରିତ୍ରୀ ଖବରଦାତା ରୋହିତ ବିଶ୍ୱାଳଙ୍କ ଅମର ଆତ୍ମାର ସଦଗତି ପାଇଁ ଜିଲା ପ୍ରେସ୍ କ୍ଲବ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁନୀଲ ପଟ୍ଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ସମସ୍ତେ ରୋହିତଙ୍କ ତୈଳଚିତ୍ରରେ ପୁଷ୍ପ ଅର୍ପଣ କରିଥିଲେ। ସଭାରେ ଜିଲାର ବିଭିନ୍ନ ସଂସ୍ଥାର ଖବରଦାତାମାନେ ଉପସ୍ଥିତ ରହି ତାଙ୍କ ସ୍ମୃତିଚାରଣ କରିଥିଲେ।

ସେହିପରି ଗଞ୍ଜାମ ପ୍ରେସ୍ କ୍ଲବ ତରଫରୁ ସହରସ୍ଥିତ କାଶୀ ବିଶ୍ୱନାଥ ଶୈବପୀଠ ପ୍ରାଙ୍ଗଣରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବ ସଭାପତି ଶବର କୁମାର ତରାଇଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ରୋହିତଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

ପୁରୁଷୋତ୍ତମପୁର ପ୍ରେସ୍ କ୍ଲବ ପକ୍ଷରୁ ଆୟୋଜିତ ଶୋକସଭାରେ ଖବରଦାତାଙ୍କୁ ସରକାର ତୁରନ୍ତ ଶହୀଦ ମାନ୍ୟତା ପ୍ରଦାନ କରିବା ସହ ପରିବାରକୁ ୫୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ଓ ତାଙ୍କ ପିଲାମାନଙ୍କ ପଢ଼ାର ସମ୍ପୂର୍ଣ୍ଣ ଦାୟିତ୍ୱ ବହନ କରିବା ଲାଗି ଦାବି କରିଛନ୍ତି।

କାଶୀନଗର ବଂଶଧାରା ପାଠାଗାର ପରିସରରେ ଖବରଦାତା ରୋହିତଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପ୍ରେସ୍ କ୍ଲବ ସଭାପତି ହୃଷୀକେଶ ଗୌଡ଼ଙ୍କ ଅଧକ୍ଷତାରେ ଆୟୋଜିତ ଶୋକସଭାରେ ବ୍ଲକ ଉପଦେଷ୍ଟା କବି ପ୍ରଶାନ୍ତ ମିଶ୍ର, ସାମ୍ବାଦିକ ମନୋଜ କୁମାର ଚୌଧୁରୀ ପ୍ରମୁଖ ସରକାର ମୃତକଙ୍କୁ ଶହୀଦ ଘୋଷଣା କରିବା ସହ ପରିବାରକୁ ଅତି କମ୍‌ରେ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି ରଖିଥିଲେ।

# କଳର ବେଲ୍ଟ ପ୍ରତିଯୋଗିତା

ଛତ୍ରପୁର,୬।୨(ଡି.ଏନ୍.ଏ.)

ଛତ୍ରପୁର କେଏମ୍‌ପି ସ୍ପୋର୍ଟ୍ସ ଏକାଡେମି ପକ୍ଷରୁ ୨୫ ତମ କଲର ବେଲ୍ଟ ପ୍ରତିଯୋଗିତା ସ୍ଥାନୀୟ ଲକ୍ଷ୍ମଣ ଭବନ ପରିସରସ୍ଥ ଏକାଡେମିର ତାଲିମ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲାର ବିଭିନ୍ନ ଟାଏକୋଣ୍ଡୋ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଶିକ୍ଷଣ ନେଉଥିବା ୧୬୮ଜଣ ପ୍ରଶିକ୍ଷାର୍ଥୀ ଏହି ଆନ୍ତଃ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧରେ ୧୬ ଜଣ ବ୍ଲାକ୍ ବେଲ୍ଟ ପ୍ରତିଯୋଗୀ ଥିବା କେଏମ୍‌ପି ସ୍ପୋର୍ଟ୍ସ ଏକାଡେମିର ପ୍ରଶିକ୍ଷକ ତଥା ଓଡ଼ିଶା ଟାଏକୋଣ୍ଡୋ ସଂଘର ରାଜ୍ୟ ସମ୍ପାଦକ କେ. ମନୋଜ ପ୍ରଧାନ ସୂଚନା ଦେଇଛନ୍ତି। ୬ଷ୍ଠ ଡାନ ବ୍ଲାକ ବେଲ୍ଟଧାରୀ ଆନ୍ତର୍ଜାତିକ କୋଚ ମନମୋହନ ଭଞ୍ଜ ପ୍ରତିଯୋଗିତାରେ ପରୀକ୍ଷକ ଭାବେ ଯୋଗଦେଇଥିଲେ। ବ୍ରହ୍ମପୁର ଜାଗୁଆର ଏକାଡେମିର ୭୨ଜଣ, ଗଞ୍ଜାମ ଏକାଡେମିର ୩୦ ଓ ଛତ୍ରପୁରର ୬୬ ଜଣ ପରୀକ୍ଷାର୍ଥୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଗଞ୍ଜାମ ଜିଲା ଟାଏକୋଣ୍ଡୋ ସଂଘ ସଭାପତି ଶ୍ରୀକାନ୍ତ ମହାନ୍ତି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି, ଓଡ଼ିଶା ଟାଏକୋଣ୍ଡୋ ସଂଘ ମହିଳା ବିଭାଗର ଅଧକ୍ଷା ଡ. ଅନୀତା ମିଶ୍ର ସମ୍ମାନିତ ଅତିଥି ଯୋଗ ଦେଇଥିଲେ। କୋଚ ଇ. ଲଳିତ କୁମାର, ଅମ୍ବିକା ପ୍ରସାଦ ଦାସ, ସି ଏଚ ପ୍ରସାଦ ନାୟକ, ରୁଦ୍ର ନାରାୟଣ ବେହେରା, ପୀୟୂଷ ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କଲରବେଲ୍ଟ ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତିଯୋଗୀମାନେ।

